www.thekhabara.com
ସାଧାରଣ ଲୋକଙ୍କ ସ୍ୱର

ଖବର

KHABARA

ପ୍ରତିଷ୍ଠାତା: ସାମ୍ବାଦିକ ଗୌରବ ୰ ଦିବାକର ମିଶ୍ର

# ଆଇଟିଇଆର୍‌ର ବାର୍ଷିକୋତ୍ସବ ଜେନେସିସ୍-୧୦ ଉଦ୍‌ଯାପିତ

ଭୁବନେଶ୍ୱର, (ବ୍ୟୁରୋ): ଶିକ୍ଷା ଓ ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇଟିଇଆର୍‌ର ବାର୍ଷିକୋତ୍ସବ 'ଜେନେସିସ୍-୧୦' ଜାଗମରାସ୍ଥିତ କ୍ୟାମ୍ପସ୍ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ ରାଜ କୁମାର ଶର୍ମା କହିଲେ, ଜଣେ ଇଞ୍ଜିନିୟର୍ ଅପେକ୍ଷା ଭଲ ମଣିଷ ହେବା ଅଧିକ ଶ୍ରେୟସ୍କର। କଲେଜ୍‌ର ଡେପୁଟି ଚେୟାର୍‌ମ୍ୟାନ୍ ପ୍ରଫେସର୍ ବି.କେ. ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। କମ୍ ସମୟ ମଧ୍ୟରେ ଏହି ଅନୁଷ୍ଠାନ ଅନେକଗୁଡିଏ ମାଇଲ୍ ଖୁଣ୍ଟ ଅତିକ୍ରମ କରିଥିବାରୁ ଏହି ଅବସରରେ ସେ କଲେଜ୍‌ର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।



ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ତଥା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ଟାସ୍କ ଫୋର୍ସର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର୍ ତ୍ରିଲୋଚନ ପ୍ରଧାନ ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଆଦାନୀ ଗ୍ରୁପ୍‌ର ମାନବ ସମ୍ବଳ ସଭାପତି ପ୍ରଦୀପ୍ତ ପଣ୍ଡା ପିଲାମାନଙ୍କର ମନୋବୃତ୍ତିରେ ପରିବର୍ତ୍ତନ ହିଁ ସେମାନଙ୍କୁ ସଠିକ୍ ବାଟରେ ନେଇଥାଏ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଦୀପକ ପଣ୍ଡାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। କଲେଜ୍‌ର ବାର୍ଷିକ ପତ୍ରିକା 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ୍‌ର ନିର୍ଦ୍ଦେଶକ ଡ. ମାନସ ମଲ୍ଲିକ, ଡିନ୍ ପ୍ରଫେସର୍ କେ.କେ. ମିଶ୍ର, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।